ପ୍ରମେୟ
THE PRAMEYA

28/02/2018

# 'ନିସ'ରେ ବିଜ୍ଞାନମେଳା

ଯାଁଳା, ୨୭।୨ (ଆ.ପ୍ର.): ଭୁବନେଶ୍ୱର ମଦନପୁର ସ୍ଥିତ ନିସ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ମେଗା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡକ୍ଟର ସୂର୍ଯ୍ୟମଣୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ, ଡିନ ଡକ୍ଟର ଶ୍ରୁତିକାନ୍ତ ଦୀକ୍ଷିତ, ଜୁନିଅର କଲେଜ ଅଧ୍ୟକ୍ଷ ଡକ୍ଟର ସରୋଜକାନ୍ତ ମିଶ୍ର, କେମିଷ୍ଟ୍ରୀ ବିଭାଗ ମୁଖ୍ୟ ଡକ୍ଟର ସାଧନା ସେନାପତି ଯୋଗଦେଇ ବିଜ୍ଞାନସମ୍ପର୍କିତ ସାରଗର୍ଭକ ଭାଷଣ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ,ବଂ ନିମନ୍ତ୍ରିତ ଅତିଥିମାନଙ୍କୁ ଅନୁଷ୍ଠାନର ସହପ୍ରତିଷ୍ଠାତା ଶ୍ରୀମତୀ ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ । ବିଜ୍ଞାନମେଳାରେ ପ୍ରଶାସନିକ ଅଧିକାରୀ ପିତାମ୍ବର ଚଇନୀଙ୍କ ସହିତ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।